# କଳା ତାଳିକାଭୁକ୍ତ କରିବାକୁ ଚେତାବନୀ

ଅନୁଗୋଳ ଅଫିସ, ୩।୭

ଅନୁଗୋଳ ସହରରେ ଅଳିଆ ସଫେଇକୁ ନେଇ ଲାଗି ରହିଥିବା ବିବାଦର ସମାଧାନ କରିବାକୁ ପୌର ପ୍ରଶାସନ ପକ୍ଷରୁ ପୁନର୍ବାର ପ୍ରୟାସ କରାଯାଇଛି। ଦିନକୁ ଦିନ ସହର ପରିମଳ ବ୍ୟବସ୍ଥା ସାଂଘାତିକ ହେଉଥିବାବେଳେ ଠିକାସଂସ୍ଥା ମୁଖିଆଙ୍କୁ ପୌର କର୍ତ୍ତୃପକ୍ଷ କଡ଼ା ତାଗିଦ୍ କରିଛନ୍ତି। ସଫେଇରେ ଖିଲାପ କଲେ ଏବଂ ବ୍ୟବହାରରେ ପରିବର୍ତ୍ତନ ନ ଆସିଲେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହିତ ଲାଇସେନ୍ସକୁ କଳା ତାଳିକାଭୁକ୍ତ କରାଯିବ ବୋଲି ଠିକାସଂସ୍ଥାକୁ ଚେତାବନୀ ଦିଆଯାଇଛି।

ଠିକାସଂସ୍ଥା ଅଧୀନରେ କାର୍ଯ୍ୟରତ ସଫେଇ କର୍ମଚାରୀଙ୍କ ଅସହଯୋଗ କାରଣରୁ ଅନୁଗୋଳ ସହରର ପରିମଳ ବ୍ୟବସ୍ଥା ଭୁଶୁଡ଼ି ପଡ଼ିଛି। ଗଳିକନ୍ଦିରେ ଜମା ହୋଇ ରହିଥିବା କୁଢ଼କୁଢ଼ ଆବର୍ଜନା ଉଠାଇବାକୁ ପୌରସଂସ୍ଥା ପକ୍ଷରୁ ଜେସିବି ନିୟୋଜିତ କରାଯାଇଥିଲେ ମଧ୍ୟ ତାହା ସମୁଦ୍ରକୁ ଶଙ୍ଖେ ହୋଇଛି। ଫଳରେ ସାରା ସହରାଞ୍ଚଳରେ ପୂତିଗନ୍ଧମୟ ପରିବେଶ ସୃଷ୍ଟି ହେଉଛି, ଯାହାକୁ ନେଇ ସହରବାସୀଙ୍କ


ସହରରେ ଜମା ହୋଇଥିବା ଆବର୍ଜନା।

ମଧ୍ୟରେ ଅସନ୍ତୋଷ ତୀବ୍ର ହେବାରେ ଲାଗିଛି। ଏହାର ସମାଧାନ କରିବାକୁ ଶନିବାର ପୌର କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶରେ କଟକର ଠିକାସଂସ୍ଥା ମୁଖିଆ ସୁରେନ୍ଦ୍ର ବାରିକ ଅନୁଗୋଳରେ ପହଞ୍ଚିଥିଲେ। ଏହାପରେ ପୋଲିସ, ସଫେଇ କର୍ମଚାରୀ ଏବଂ ପୌରପାଳିକାର ଅଧିକାରୀଙ୍କୁ ନେଇ ପୃଥକ୍ ଭାବେ ଆଲୋଚନା ହୋଇଥିଲା। ଠିକାସଂସ୍ଥା ମୁଖିଆଙ୍କୁ ପୌର ପ୍ରଶାସନିକ ଅଧିକାରୀ ଗୁଡ଼େଇତୁଡ଼େଇ ପ୍ରଶ୍ନ ପଚାରିଥିଲେ। ୧୫ଦିନ ହେଲା ଅଳିଆ ଉଠାଯିବାକୁ ନେଇ ବିବାଦୀୟ ପରିସ୍ଥିତି ଲାଗି ରହିଥିବାବେଳେ ଠିକାଦାରଙ୍କ କାହିଁକି ଦେଖା ମିଳୁ ନ ଥିଲା। ପୌରପାଳିକାର ସହଯୋଗ ବଦଳରେ ଠିକାସଂସ୍ଥା ପକ୍ଷରୁ କ'ଣ ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି ପ୍ରଶ୍ନରେ କୌଣସି ସନ୍ତୋଷଜନକ ଉତ୍ତର ଠିକାସଂସ୍ଥା ମୁଖିଆ ଦେଇପାରି ନ ଥିଲେ। ଆଗାମୀ ଦିନରେ କାର୍ଯ୍ୟକଳାପରେ ସୁଧାର ନ ଆସିଲେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚେତାବନୀ ଦିଆଯାଇଛି।

- ଠିକାସଂସ୍ଥା ମୁଖିଆଙ୍କୁ ତାଗିଦ କଲା ପୌରସଂସ୍ଥା
- ଆଜିଠୁ ସଫେଇ କାର୍ଯ୍ୟ ସ୍ୱାଭାବିକ କରିବାକୁ ପ୍ରତିଶ୍ରୁତି

ଏହାପରେ ଠିକାସଂସ୍ଥା ମୁଖ୍ୟ ପର୍ଯ୍ୟାୟକ୍ରମେ ଅନୁଗୋଳ ଥାନାଧିକାରୀ ରମେଶ ଚନ୍ଦ୍ର ବିଶୋଇ ଏବଂ ସଫେଇ କର୍ମଚାରୀଙ୍କ ସହ ଆଲୋଚନା କରିଛନ୍ତି। ରବିବାରଠାରୁ ସହର ସଫେଇ ସୁଚାରୁରୂପେ କରାଯିବ ବୋଲି ପୌରପାଳିକାକୁ ପ୍ରତିଶ୍ରୁତି ମଧ୍ୟ ଦେଇଛନ୍ତି। ଆଲୋଚନା ସମୟରେ ପୌରପାଳିକା ପରିମଳ ଅଧିକାରୀ ଦୁର୍ଯ୍ୟୋଧନ ବେହେରା, ଠିକାସଂସ୍ଥା ସୁପରଭାଇଜର ସରୋଜ ଦାସ, ସୂର୍ଯ୍ୟକାନ୍ତ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ।

### ସମାଧାନ କରିବାକୁ ପ୍ରତିଶ୍ରୁତି ମିଳିଛି



ଠିକାସଂସ୍ଥା ଅଧୀନରେ କାର୍ଯ୍ୟରତ ସଫେଇ କର୍ମଚାରୀଙ୍କ ଆନ୍ଦୋଳନ ଯୋଗୁ ସଫେଇ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ଠିକାସଂସ୍ଥା ମାଲିକଙ୍କୁ ଡକାଯାଇ ଏହାର ସମାଧାନ କରିବାକୁ କୁହାଯାଇଛି। ରବିବାରଠାରୁ ସଫେଇ କାର୍ଯ୍ୟ ସୁରୁଖୁରୁରେ ଚାଲିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି।

-ଗିରିଜା ଶଙ୍କର ମଲ୍ଲିକ, ପୌର ନିର୍ବାହୀ ଅଧିକାରୀ

### ପ୍ରହସନ ପାଲଟିଛି



ସହରର ଚାରିଆଡ଼େ ଅଳିଆ ଗଦା ହୋଇ ରହିଛି। ପୌର ପ୍ରଶାସନ ପକ୍ଷରୁ ଏହାର ସମାଧାନ ଲାଗି ଆଖିଦୃଶିଆ ପଦକ୍ଷେପ ନିଆଯାଉନାହିଁ। ସହରକୁ ସବୁଜସୁନ୍ଦର କରିବାକୁ ଯେଉଁ ଆଶା ରହିଥିଲା, ତାହା ମଉଳିଯିବା ଭଳି ଲାଗୁଛି। ପୌରପାଳିକା ଦୃଷ୍ଟି ଦେଲେ ସମସ୍ୟାର ସମାଧାନ ହୋଇପାରିବ।

- ପ୍ରହ୍ଲାଦ ସାହୁ, ବୁଦ୍ଧିଜୀବୀ

## ସଂକ୍ଷେପରେ

### ଅନୁଗୋଳରୁ ୮୬ ପଜିଟିଭ୍ ଚିହ୍ନଟ

**ଅନୁଗୋଳ ଅଫିସ, ୩।୭:** ଅନୁଗୋଳ ଜିଲାରୁ ଶନିବାର ୮୬ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାପରେ ଜିଲାର ମୋଟ୍ କୋଭିଡ୍ ଆକ୍ରାନ୍ତଙ୍କ ସଂଖ୍ୟା ୪୧ ହଜାର ୩୯ରେ ପହଞ୍ଚିଥିବା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ କହିଛନ୍ତି। ନୂଆ ସଂକ୍ରମିତଙ୍କ ମଧ୍ୟରେ ତାଳଚେର ବ୍ଲକରୁ ୧୩, ଅନୁଗୋଳ ବ୍ଲକରୁ ୧୨, ବଣ୍ଡାରପାଳ ବ୍ଲକରୁ ୧୧, ଆଠମଲ୍ଲିକ ବ୍ଲକରୁ ୧୦, ଛେଣ୍ଡିପଦା ବ୍ଲକରୁ ୯, ଅନୁଗୋଳ ପୌରପାଳିକାରୁ ୯, କଣିହାଁ ବ୍ଲକରୁ ୭, ତାଳଚେର ପୌରପାଳିକାରୁ ୫, ପାଲଲହଡ଼ା ବ୍ଲକରୁ ୫, କିଶୋରନଗର ବ୍ଲକରୁ ୪ ଓ ଆଠମଲ୍ଲିକ ଏନ୍ଏସିରୁ ଜଣେ ଅଛନ୍ତି। ଅନ୍ୟପକ୍ଷରେ ଜିଲାରୁ ୧୫୧ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ସେହିପରି କରୋନାରେ ଜଣେ ସଂକ୍ରମିତଙ୍କ ମୃତ୍ୟୁ ଘଟିବା ପରେ ସମୁଦାୟ ମୃତକଙ୍କ ସଂଖ୍ୟା ୧୭୯ରେ ପହଞ୍ଚିଛି।

### ରତ୍ନାକର ସମ୍ପାଦକ, ପ୍ରବୀଣ ସାଧାରଣ ସମ୍ପାଦକ



**ବଇଣ୍ଡା,୩।୭(ଡି.ଏନ୍.ଏ.):** ଅନୁଗୋଳ ଜିଲା ଭାଜପା କୃଷକ ମୋର୍ଚ୍ଚା ସମ୍ପାଦକ ଭାବେ କିଶୋରନଗର ବ୍ଲକ ଖଣ୍ଡହତା ଗ୍ରାମର ରତ୍ନାକର ପ୍ରଧାନ ଏବଂ ସାଧାରଣ ସମ୍ପାଦକ ଭାବେ ପ୍ରବୀଣ କୁମାର ସାହୁଙ୍କୁ ଚୟନ କରାଯାଇଥିବା ଦଳୀୟ ଜିଲା ସଭାପତି ଦୀଲେଶ୍ୱର ପ୍ରଧାନ ସୂଚନା ଦେଇଛନ୍ତି। ଅଞ୍ଚଳର ଚାଷୀଙ୍କ ସମସ୍ୟା ସରକାରଙ୍କୁ ଜଣାଇବା ସହ କୃଷକ ସଙ୍ଗଠନକୁ ସୁଦୃଢ଼ କରାଯିବ ବୋଲି ନବନିଯୁକ୍ତ ପ୍ରତିନିଧିମାନେ କହିଛନ୍ତି।

### ଚୋରି ଅଭିଯୁକ୍ତ ଗିରଫ

**ଆଠମଲ୍ଲିକ, ୩।୭(ଡି.ଏନ୍.ଏ.):** ଆଠମଲ୍ଲିକ ଥାନା ଅନ୍ତର୍ଗତ କଇଁତ୍ରାଗଡ଼-ଦରୁହା ପୂର୍ତ୍ତ ବିଭାଗ ରାସ୍ତାର ବାହାଲି ଗ୍ରାମ ନିକଟରେ ଚାଲିଥିବା ରାସ୍ତା ନିର୍ମାଣସ୍ଥଳୀରୁ ଲୁହା ଉପକରଣ ଚୋରି ହୋଇଥିଲା। ଏ ନେଇ ସୁପରଭାଇଜର ଅଜିତ ପ୍ରଧାନ ଗତ ଜୁନ୍ ୯ରେ ଥାନାରେ ଅଭିଯୋଗ କରିଥିଲେ। ଏହି ଘଟଣାରେ ପୋଲିସ ଆଠମଲ୍ଲିକ ଏନ୍ଏସି ୭ନଂ. ୱାର୍ଡର ଶମ୍ଭୁ ବେହେରା (୪୧)ଙ୍କୁ ଗିରଫ କରିଛି। ତାଙ୍କ ନିକଟରୁ ଚୋରି ସାମଗ୍ରୀ ଜବତ କରାଯାଇଥିବା ଆଇଆଇସି ପ୍ରିୟବ୍ରତ ଦାସ କହିଛନ୍ତି।

### ୧୧ରୁ ବିଶାଖାପାଟଣା-ଟାଟାନଗର ସାପ୍ତାହିକ ଟ୍ରେନ୍

**କେନ୍ଦୁଝର, ୩।୭ (ସ୍ୱ.ପ୍ର.):** କରୋନା କଟକଣା ଉଠିବା ପରେ ଆସନ୍ତା ୧୧ ତାରିଖରୁ ବିଶାଖାପାଟଣା-ଟାଟା-ବିଶାଖାପାଟଣା ଟ୍ରେନ ଚାଲିବ। ଏହା ସପ୍ତାହରେ ଥରେ ଯିବାଆସିବା କରିବ। ଏହା କେନ୍ଦୁଝର ଦେଇ ଯାତାୟାତ କରୁଥିବାରୁ କେନ୍ଦୁଝର ଜିଲାବାସୀ ଉପକୃତ ହେବେ। ରବିବାର ଏହି ଟ୍ରେନ୍ ବିଶାଖାପଟ୍ଟନମରୁ ବାହାରି କେନ୍ଦୁଝର ଦେଇ ଟାଟା ଯିବ। ସୋମବାର କେନ୍ଦୁଝର ଦେଇ ବିଶାଖାପଟ୍ଟନମ ଅଭିମୁଖେ ଯିବ ବୋଲି ଜଣାପଡିଛି ।

### କଂକ୍ରିଟ ରାସ୍ତା ଉପରେ ଚାଲିଛି ରାସ୍ତା ନିର୍ମାଣ

**ଭଦ୍ରକ ଅଫିସ, ୩।୭:** କଂକ୍ରିଟ ରାସ୍ତା ଉପରେ ପୁଣି ଥରେ ରାସ୍ତା ନିର୍ମାଣ ଚାଲିଛି। କିନ୍ତୁ ରାସ୍ତା ନ ଥିବା ସ୍ଥାନରେ କାମ ହେଉ ନ ଥିବା ଭଦ୍ରକ ପୌରପାଳିକାର ୭ନଂ. ୱାର୍ଡ଼ ବଙ୍ଗାଳିସାହି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହି ସାହିର ଗୋଟିଏ ପାର୍ଶ୍ୱରେ ରାସ୍ତା ଅତ୍ୟନ୍ତ ଖରାପ ଥିବା ସତ୍ତ୍ୱେ ତିଆରି ନ କରାଯାଇ ଭଲ ଥିବା କଂକ୍ରିଟ ରାସ୍ତା ଉପରେ ପୁନଃ କଂକ୍ରିଟ ପକାଯାଉଛି। ଏପରିକି ସରକାରୀ ରେକର୍ଡରେ ଜଳାଶୟ ଭାବେ ଚିହ୍ନଟ ସ୍ଥାନରେ କଂକ୍ରିଟ ରାସ୍ତା କରାଯିବା ନିୟମ ନ ଥିବା ପୂର୍ବତନ କାଉନସିଲର ଦୁର୍ଗାପ୍ରସନ୍ନ ଦାସ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷେ ରାସ୍ତା ନିର୍ମାଣ ନେଇ ଗ୍ରାମବାସୀଙ୍କ ଅଭିଯୋଗ ପାଇଛନ୍ତି। ଅନୁଧ୍ୟାନ କରି ପଦକ୍ଷେପ ନିଆଯିବ ବୋଲି ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ଦେବୀପ୍ରସାଦ ରାଉତ କହିଛନ୍ତି।

# କ୍ଷତିପୂରଣ ଦାବିରେ ଆନ୍ଦୋଳନ


ଆନ୍ଦୋଳନସ୍ଥଳରେ ନିୟୋଜିତ ପୋଲିସ।

କଣିହାଁ,୩।୭(ଡି.ଏନ.ଏ.)

### ମିଳିଲା ଶ୍ରୀକାନ୍ତଙ୍କ ମୃତଦେହ

କଣିହାଁ ବ୍ଲକସ୍ଥିତ ଏନ୍ଟିପିସି ପାଉଁଶ ପୋଖରୀ ପାଇପ ଲାଇନରେ ନିଖୋଜ ହୋଇଯାଇଥିବା ଡେରେଙ୍ଗ ଗ୍ରାମର ଶ୍ରୀକାନ୍ତ ନାଏକ (୨୦)ଙ୍କ ମୃତଦେହ ଶୁକ୍ରବାର ବିଳମ୍ବିତ ରାତିରେ ଜବତ ହୋଇଛି। ଫିଲ୍ଟର ବନ୍ଧରୁ ପମ୍ପ ହାଉସକୁ ଯାଇଥିବା ପାଇପକୁ ବିପରୀତ ଦିଗରୁ ପାଣି ପ୍ରେସର ଦିଆଯିବା ପରେ ଶ୍ରୀକାନ୍ତଙ୍କ କ୍ଷତାକ୍ତ ମୃତଦେହ ବାହାରିଥିଲା। ଶନିବାର କ୍ଷତିପୂରଣ ଦାବିରେ ପରିବାର ଲୋକେ ଆନ୍ଦୋଳନ କରିଥିଲେ। ଏଥିଯୋଗୁ ଆଶ୍ପଣ୍ଡର ରକ୍ଷଣାବେକ୍ଷଣ କାର୍ଯ୍ୟରେ ପ୍ରତିବନ୍ଧକ ସୃଷ୍ଟି ହୋଇଥିଲା। ଆନ୍ଦୋଳନକାରୀଙ୍କୁ ବୁଝାଇବାରେ ପୋଲିସ ବିଫଳ ହୋଇଥିଲା। ପାଲଲହଡ଼ା ବିଧାୟକ ମୁକେଶ କୁମାର ପାଲ ପହଞ୍ଚି ମୃତ ଯୁବକଙ୍କ ପରିବାରକୁ ସମବେଦନା ଜଣାଇଥିଲେ। ଏହାପରେ ଅପରାହ୍ନରେ କଣିହାଁ ଥାନାରେ ଏନ୍ଟିପିସି କର୍ତ୍ତୃପକ୍ଷ, ଏସ୍ଡିପିଓ ସୁମନ ରଞ୍ଜିତା ସିଂ, ତହସିଲଦାର ପତିତପାବନ ଦେବତାଙ୍କ ଉପସ୍ଥିତିରେ ଆଲୋଚନା ହୋଇଥିଲା। ପ୍ରକଳ୍ପ କର୍ତ୍ତୃପକ୍ଷ ଠିକାସଂସ୍ଥାରେ ମୃତକଙ୍କ ପରିବାରର ଜଣେ ସଦସ୍ୟଙ୍କୁ ନିଯୁକ୍ତି ଦେବା ଏବଂ ଅନୁକମ୍ପାମୂଳକ ସହାୟତା ପ୍ରଦାନ କରିବାକୁ ରାଜି ହେବା ପରେ ଆନ୍ଦୋଳନ ହଟିଥିଲା। ମୃତଦେହ ବ୍ୟବଚ୍ଛେଦ ପାଇଁ ତାଳଚେର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯାଇଛି। ଏ ନେଇ ନଂ. ୭/୨୧ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

# ମଲ୍ ଯାଞ୍ଚ କଲା ପ୍ରଶାସନ

ଅନୁଗୋଳ ଅଫିସ, ୩।୭

ଅନୁଗୋଳ ଜିଲା କ୍ୟାଟେଗୋରି-୧ରେ ସାମିଲ ହେବା ପରେ ଜିଲାରେ ଦୋକାନ ବଜାର ଖୋଲିଛି। କିନ୍ତୁ ମଲ୍‌ଗୁଡ଼ିକ ଖୋଲିବ ନାହିଁ ବୋଲି ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶନାମା ଜାରି ରହିଛି। ତେଣୁ ଜିଲା ପ୍ରଶାସନ ଓ ପୌରପାଳିକା ପକ୍ଷରୁ ଶନିବାର ସହରାଞ୍ଚଳରେ ବିଭିନ୍ନ ସ୍ଥାନରେ ଥିବା ମଲ୍‌ଗୁଡ଼ିକୁ ଯାଞ୍ଚ କରାଯାଇଥିଲା। ଅନେକ ବ୍ୟବସାୟିକ ପ୍ରତିଷ୍ଠାନରେ ଲୋକଙ୍କ ଭିଡ଼ ରହିଥିବାରୁ ପୌରପାଳିକା ପକ୍ଷରୁ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ଦୋକାନ ବନ୍ଦ କରିବାକୁ କୁହାଯାଇଥିଲା। ଅନ୍ୟପଟେ ମଲ୍ ବ୍ୟବସାୟୀମାନେ ଆସନ୍ତା ଦିନେ ଦୁଇଦିନ ମଧ୍ୟରେ ଜିଲାପାଳଙ୍କୁ ଭେଟି ଦୋକାନ ଖୋଲିବାକୁ ଅନୁରୋଧ କରିବେ ବୋଲି କହିଛନ୍ତି। କୋଭିଡ୍ ଗାଇଡ୍‌ଲାଇନ୍ ମଧ୍ୟରେ ଦୋକାନ ଖୋଲାଯିବ। ଥରକେ ୨୫ ଜଣକୁ ପ୍ରବେଶ ଅନୁମତି ଦିଆଯିବ। ଏ ସଂକ୍ରାନ୍ତ ଲିଖିତନାମା ପ୍ରଶାସନକୁ ଦିଆଯିବ ବୋଲି ସେମାନେ କହିଛନ୍ତି। ଅନ୍ୟପଟେ ସରକାରଙ୍କ ନିର୍ଦ୍ଦେଶନାମା ନ ଆସିବା ଯାଏ ମଲ୍ ଖୋଲିବ ନାହିଁ ବୋଲି ନିର୍ବାହୀ ଅଧିକାରୀ ଗିରିଜା ଶଙ୍କର ମଲ୍ଲିକ କହିଛନ୍ତି।

# କୋଳରୁ ଡାକିନେଲା ମୃତ୍ୟୁ

ଅନୁଗୋଳ ଅଫିସ, ୩।୭

### ସାପ କାମୁଡ଼ାରେ ଝିଅ ମୃତ, ମା' ଗୁରୁତର

ଗର୍ଭବତୀ ଥିବାବେଳେ ହରାଇଥିଲେ ସ୍ୱାମୀଙ୍କୁ। କୁନି ଝିଅର ମୁହଁକୁ ଚାହିଁ ଜୀବନର କଷ୍ଟକର ସମୟକୁ ଭୁଲିଯିବାକୁ ଚେଷ୍ଟା କରୁଥିଲେ। ହେଲେ ବିଧିର ବିଧାନ ଥିଲା କିଛି ଅଲଗା। ଶୋଇଥିବା ବେଳେ ସାପ କାମୁଡ଼ାର ଶିକାର ହେଲେ ଉଭୟ ମା' ଏବଂ ୪ ବର୍ଷର ଶିଶୁକନ୍ୟା। ଏଥିରେ ଝିଅଙ୍କ ମୃତ୍ୟୁ ଘଟିଥିବାବେଳେ ମା' ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଜୀବନ ବଞ୍ଚାଇବାକୁ ସଂଘର୍ଷ କରୁଛନ୍ତି। ଏଭଳି ଏକ ହୃଦୟ ବିଦାରକ ଘଟଣା ଘଟିଛି ଅନୁଗୋଳ ସଦର ଥାନା ଅନ୍ତର୍ଗତ କାଙ୍ଗୁଲା ଗ୍ରାମରେ। ଝିଅଙ୍କୁ ହରାଇ ମା'କୋଳ ଶୂନ୍ୟ ହୋଇଯାଇଥିବାବେଳେ ଏହି ଘଟଣା ସମଗ୍ର ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି।

ସୂଚନାଯୋଗ୍ୟ, ଶୁକ୍ରବାର ରାତିରେ ଶିବାନୀ ନାଥ ଏବଂ ତାଙ୍କ ୪ ବର୍ଷର ଝିଅ ଜେସି ଶୋଇଥିଲେ। ଏହି ସମୟରେ ଏକ ସାପ ଘରେ ପଶି ଉଭୟଙ୍କୁ କାମୁଡ଼ି ଦେଇଥିଲା। ପରିବାର ଲୋକେ ଦୁହିଁଙ୍କୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିବାବେଳେ ସେଠାରେ ଜେସିଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଗୁରୁତର ଶିବାନୀ ଚିକିତ୍ସାଧୀନ ଅଛନ୍ତି। ପୋଲିସ ଶିଶୁ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାରକୁ ହସ୍ତାନ୍ତର କରିଛି। ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଶିବାନୀ ଢେଙ୍କାନାଳ ସଦର ଥାନା ଘଟିପିରି ଅଞ୍ଚଳର ଯଶୋବନ୍ତ ନାଥଙ୍କୁ ବିବାହ କରିଥିଲେ। ଜେସି ଗର୍ଭରେ ଥିବାବେଳେ ଯଶୋବନ୍ତଙ୍କ ମୃତ୍ୟୁ ହୋଇଯାଇଥିଲା। ଏହାପରେ ଝିଅ ସହ ଶିବାନୀ ପୈତୃକ ଘର କାଙ୍ଗୁଲାରେ ଆସି ରହୁଥିଲେ ବୋଲି ସଦର ଥାନାଧିକାରୀ ପ୍ରଭାତ ତ୍ରିପାଠୀ ପ୍ରକାଶ କରିଛନ୍ତି।

# ବଣ୍ଡାରପାଳ-ମହୀଧରପୁର ୪ ଥାକିଆ ରାସ୍ତା ସମୀକ୍ଷା

ଅନୁଗୋଳ ଅଫିସ, ୩।୭

ଅନୁଗୋଳ ଜିଲା ବଣ୍ଡାରପାଳ ବ୍ଲକରୁ ମହୀଧରପୁର ରାସ୍ତା ଚଉଡ଼ା କରି ୪ ଥାକିଆ କରାଯିବ। ଏନେଇ ଅନୁଗୋଳ ବିଧାୟକ ରଜନୀକାନ୍ତ ସିଂ ଶନିବାର ସ୍ଥାନୀୟ ସର୍କିଟ ହାଉସଠାରେ ଏହାର ସମୀକ୍ଷା କରିଛନ୍ତି। ମହୀଧରପୁର ରାଜ୍ୟ ରାଜପଥ-୬୪ରୁ ବଣ୍ଡାରପାଳ ଛକ ଦେଇ ଖମାରଠାରେ ରାସ୍ତା ଶେଷ ହେବ। ସେହିପରି ନୂଆହତାରୁ ରାସ୍ତା ବାହାରି ବଉଳିଗଡ଼, ତଳମୂଳ ଦେଇ ମହୀଧରପୁରରେ ମିଶିବ। ଏହି କାର୍ଯ୍ୟର ସମସ୍ତ ପ୍ରକ୍ରିୟାକୁ ତୁରନ୍ତ ଶେଷ କରିବାକୁ ବିଧାୟକ ପରାମର୍ଶ ଦେଇଛନ୍ତି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଉକ୍ତ ପ୍ରକଳ୍ପର ଜେନେରାଲ ମ୍ୟାନେଜର ଉମାକାନ୍ତ ପାଣି, ପୂର୍ତ୍ତବିଭାଗ ନିର୍ବାହୀ ଯନ୍ତ୍ରୀ ସୁଧାଂଶୁ ନାୟକ, ସହକାରୀ ଯନ୍ତ୍ରୀ ବିନୟ କୁମାର ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ।


ବିଧାୟକ ରାସ୍ତା କାର୍ଯ୍ୟର ସମୀକ୍ଷା କରୁଛନ୍ତି।

# ଉପକାରାଗାରରେ '୫-ଟି'ର ଆଇଏସ୍ଓ ଟିମ୍

ଜଳେଶ୍ୱର, ୩।୭(ଡି.ଏନ.ଏ.)

ଉତ୍ତର ବାଲେଶ୍ୱର ଉପାନ୍ତ ଜଳେଶ୍ୱରରେ ଥିବା ଉପକାରଗାରର ଭିତ୍ତିଭୂମିର ବିକାଶ ଲାଗି ଶୁକ୍ରବାର ରାଜ୍ୟ ସରକାରଙ୍କ ୫-ଟିର ଆଇଏସ୍ଓ ଟିମ୍ ପରିଦର୍ଶନ କରିଛନ୍ତି। କାର୍ଯ୍ୟରତ ଜେଲର ଅନୁସୂୟା ଷଡଙ୍ଗୀ ଜେଲ ମଧ୍ୟରେ ବିଭିନ୍ନ ସଂସ୍କାରମୂଳକ କାର୍ଯ୍ୟ ଆରମ୍ଭ କରିଥିବା ବେଳେ ବିଚାରାଧୀନ କଏଦୀମାନଙ୍କ ମଧ୍ୟରେ ସୁଧାର ଲାଗି ବିଭିନ୍ନ ଯୋଜନା ହାତକୁ ନେଇଛନ୍ତି। ତେଣୁ ୫ଟି ବିଭାଗର ଅଡିଟର ଦୀପକ କୁମାର ନାଥ, ଅତିରିକ୍ତ ଅଡିଟର ଜଗତମୋହନ ପଟ୍ଟନାୟକ ଓ ସିଦ୍ଧାନ୍ତ ପ୍ରଧାନ ପ୍ରମୁଖ ଜେଲ ପରିସରର ବିଭିନ୍ନ ଭିତ୍ତିଭୂମି ପରିଦର୍ଶନ କରିବା ସହିତ କାଗଜପତ୍ର ଯାଞ୍ଚ କରିଥିଲେ। ଜେଲ ମଧ୍ୟରେ ପ୍ରାକୃତିକ ପରିବେଶ ଓ ଅନ୍ତେବାସୀ ପରିବର୍ତ୍ତନରେ ସନ୍ତୁଷ୍ଟ ହୋଇ ଏହାକୁ ଆଇଏସ୍ଓ ମୋହର ଲଗାଇବା ସମ୍ଭାବନା ରହିଛି ବୋଲି ଜେଲର ଷଡଙ୍ଗୀ କହିଛନ୍ତି।

# ୩ଦିନ ଧରି ପୋଲିସର ଚଢ଼ାଉ

ଜଳେଶ୍ୱର, ୩।୭(ଡି.ଏନ.ଏ.)

### ବ୍ରାଉନ୍‌ସୁଗାର ଲିଙ୍କ୍

ବ୍ରାଉନସୁଗାର ପେଣ୍ଠସ୍ଥଳୀ ପାଲଟିଥିବା ବାଲେଶ୍ୱର ଜିଲାର ଜଳେଶ୍ୱର ଅଞ୍ଚଳରେ ୩ ଦିନ ହେଲା ପୋଲିସ ଧରପଗଡ ଓ ଚଢାଉ ଜାରି ରହିଛି। ଏସ୍‌ଟିଏଫ ପକ୍ଷରୁ ବହୁ ଧନ ଜହର ଜବତ କରାଯାଉଥିବା ବେଳେ ଏବେ ଜଳେଶ୍ୱର ପୋଲିସ ଅଣ୍ଟା ଭିଡିଛି। ଗୁରୁବାର ରାତିରେ ଅନୁକୂଳ ମନ୍ଦିର ନିକଟରୁ ୨୦ଗ୍ରାମ, ଶୁକ୍ରବାର ମଧ୍ୟାହ୍ନରେ ଲେଭଲ କ୍ରସିଂ ନିକଟରୁ ୩୨ ଗ୍ରାମ ଓ ଶନିବାର ୨୦ ଗ୍ରାମ ଜବତ ହୋଇଛି। ଏହି ଘଟଣାରେ ୭ଜଣଙ୍କୁ ଅଟକ ରଖାଯିବା ସହ ସେମାନଙ୍କ ନିକଟରୁ ତଥ୍ୟ ଆଧାରରେ ଚଢାଉ କରାଯାଉଥିବା ଆଇଆଇସି ପର୍ଶୁରାମ ସାହୁ କହିଛନ୍ତି। ହେଲେ ଛୋଟ ଛୋଟ ନିଶା ବେପାରୀଙ୍କୁ ପୋଲିସ ଧରୁଥିବା ବେଳେ ଏହାର ମୁଖ୍ୟ କାର୍ପଟଦାର କାହାର ଛତ୍ରଛାୟା ତଳେ ରହିଛନ୍ତି ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସେହିପରି ୬୦ ନଂ. ଜାତୀୟ ରାଜପଥର ଲକ୍ଷ୍ମଣନାଥ ଟୋଲପ୍ଲାଜା ନିକଟରେ ୨୨ କେଜି ଗଞ୍ଜେଇ ଜବତ ସହ ୨ଜଣଙ୍କୁ ଗିରଫ କରାଯାଇଛି। ଜଣେ ଖସିଯିବାରେ ସକ୍ଷମ ହୋଇଛି। ଖବର ଲେଖା ହେବା ପର୍ଯ୍ୟନ୍ତ ଏହି ଚଢାଉ ଜାରି ରହିଛି ।

»»ଚମତ୍କାରକୁ ନମସ୍କାର««
ଆପଣ ବିବ୍ରତ ହୁଅନ୍ତୁ ନାହିଁ, ଆପଣଙ୍କର ସବୁ ସମସ୍ୟାର 2 ଘଣ୍ଟାରେ ଘରେ ବସି ସମାଧାନ
ବ୍ୟବସାୟ, ପ୍ରେମବିବାହ, ଗୃହକ୍ଲେଶ ମନପସନ୍ଦ ବିବାହ, ବିଦେଶ ଯାତ୍ରା, କୋର୍ଟ କେସ୍, ସଉତୁଣୀ/ଶତ୍ରୁ ମୁକ୍ତି, ସ୍ୱାମୀ-ସ୍ତ୍ରୀ ମନୋମାଳିନ୍ୟ, ଗୁଣିଗାରେଡ଼ି, କ୍ୟାରିୟରରେ ବାଧା, ଔଷଧ କାମ ନ କରିବା, ବଶୀକରଣ, ମୁଠକରଣୀ ଇତ୍ୟାଦି
ଯଦି କାହାର ସ୍ୱାମୀ, ପ୍ରେମିକ କିମ୍ବା ପୁଅ ଅନ୍ୟ କାହାର ବଶରେ ଥାଆନ୍ତି ତେବେ ଆମକୁ ନିଶ୍ଚୟ କଲ୍ କରନ୍ତୁ
21 ବିଦ୍ୟା ଓ ଅଲୌକିକ ଶକ୍ତିର ସମ୍ରାଟ
ବିଶ୍ୱପ୍ରସିଦ୍ଧ ତାନ୍ତ୍ରିକ ବାବା
ମକବୁଲ ଖାନ୍ ବଙ୍ଗାଳୀ
9520764524

# ଏନ୍ଟିପିସିରେ ମେଡିକାଲ ଗ୍ୟାସ୍ ପାଇପ୍ ଲାଇନ ସ୍ଥାପିତ

କଣିହାଁ, ୩।୭(ଡି.ଏନ୍.ଏ.)

ଅନୁଗୋଳ ଜିଲା କଣିହାଁସ୍ଥିତ ଏନ୍ଟିପିସି ହସ୍ପିଟାଲରେ ମେଡିକାଲ ବ୍ୟବହାର ଉପଯୋଗୀ ଅମ୍ଳଜାନର ନିରବଚ୍ଛିନ୍ନ ଯୋଗାଣ ପାଇଁ ମେଡିକାଲ ଗ୍ୟାସ୍ ପାଇପ୍ ଲାଇନ (ଏମ୍‌ଜିପିଏଲ) ସ୍ଥାପନ କରାଯାଇଛି। କମ୍ପାନୀର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସୁଦୀପ ନାଗ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଜିଏମ୍ (ଓଆଣ୍ଡଏମ୍)ର ଏସ୍ଏଚ୍ ଶିଭମ୍ ଶ୍ରୀବାସ୍ତବ, ସିଏମ୍ଓ ଡାକ୍ତର ଗୋଦାବରୀଶ ମୋହାକୁଲ, ଜିଏମ୍ (ଏଚ୍ଆର) ରଜନୀଶ ରସ୍ତୋଗୀ, ସିନିୟର ସ୍ପେସିଆଲିଷ୍ଟ (ପାଥୋଲୋଜି) ଡା. ଅପରାଜିତା ମିଶ୍ର, ସିନିୟର କନ୍‌ସଲଟାଣ୍ଟ (ଆନାସ୍ଥେସିଓଲୋଜି) ଡା. ମଧୁଲିକା ବାର୍ନାଜୀଙ୍କ ସମେତ ଅନ୍ୟ ଡାକ୍ତର ଏବଂ ପାରାମେଡିକାଲ କର୍ମଚାରୀ ଉପସ୍ଥିତ ଥିଲେ। ଡାକ୍ତର ମଧୁଲିକା ବାନାର୍ଜୀ ଏବଂ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସୁଦୀପ ନାଗ ଗ୍ୟାସ୍ ପାଇପଲାଇନର କାର୍ଯ୍ୟକାରିତା ସମ୍ପର୍କରେ ବୁଝାଇଥିଲେ।



ଗ୍ୟାସ୍ ଲାଇନ୍ ପାଇପ୍ ସ୍ଥାପନ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଉଛି।

ଅଖିଲ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନ (ଏମ୍ସ), ଭୁବନେଶ୍ୱର
अखिल भारतीय आयुर्विज्ञान संस्थान (एम्स), भुवनेश्वर
ALL INDIA INSTITUTE OF MEDICAL SCIENCES (AIIMS), BHUBANESWAR
Sijua, Post : Dumuduma, Bhubaneswar - 751019
AIIMS/BBSR/ELE-2021/O&M 33 KV SUBSTN-I&II/106 Dated: 02nd July 2021
NOTICE INVITING E-TENDER
The All India Institute of Medical Sciences (AIIMS), Bhubaneswar invites e-Tender for "Operation and Comprehensive Annual Maintenance Contract of 33/0.433 KV Substation (I & II) and External Light with Operation Services of DG Set & UPS at Hospital Campus AIIMS, Bhubaneswar." Detailed description, terms & conditions and document for processing e-Tender along with last date of submission can be viewed and downloaded from e-Tender portal of AIIMS, Bhubaneswar website www.aiimsbhubaneswar.nic.in.
Sd/-
Executive Engineer (Electrical)
AIIMS, Bhubaneswar

## ସଂକ୍ଷେପରେ

### କରୋନାରେ ୪ ମୃତ

**ଢେଙ୍କାନାଳ ଅଫିସ, ୩।୭:** ଢେଙ୍କାନାଳ ଜିଲାରେ କରୋନା ସଂକ୍ରମଣଜନିତ ମୃତ୍ୟୁସଂଖ୍ୟା କମୁନାହିଁ। ଗତ ୨୪ ଘଣ୍ଟାରେ ଆଉ ୪ ଜଣଙ୍କ ଜୀବନ ନେଇଛି ଘାତକ ଭୂତାଣୁ। ମୃତକଙ୍କ ମଧ୍ୟରେ ପରଜଙ୍ଗ ବ୍ଲକର ଜଣେ ବୃଦ୍ଧ (୮୬), ଢେଙ୍କାନାଳ ପୌରାଞ୍ଚଳର ଜଣେ ଯୁବକ (୩୦), ଜଣେ ମହିଳା (୫୮) ଏବଂ ଓଡ଼ାପଡ଼ା ବ୍ଲକର ଜଣେ ବ୍ୟକ୍ତି (୪୫) ରହିଛନ୍ତି। ଏହାପରେ ଜିଲାର କରୋନାଜନିତ ମୃତ୍ୟୁ ସଂଖ୍ୟା ୭୨ରେ ପହଞ୍ଚିଛି। ସେହିପରି ଦିନକରେ ୭୬ଜଣ ନୂଆ ସଂକ୍ରମିତ ଚିହ୍ନଟ ହୋଇଥିବାବେଳେ ୭୨ଜଣ ସୁସ୍ଥ ହୋଇଛନ୍ତି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ଢେଙ୍କାନାଳ ପୌରାଞ୍ଚଳରେ ୨୨, ସଦର ବ୍ଲକର ୨୧, ହିନ୍ଦୋଳ ବ୍ଲକର ୧୬, ପରଜଙ୍ଗ ବ୍ଲକର ୮, ଓଡ଼ାପଡ଼ା ବ୍ଲକର ୩, ଗଁଦିଆ ବ୍ଲକର ୨, କାମାକ୍ଷାନଗର ବ୍ଲକର ୨, ହିନ୍ଦୋଳ ଏନ୍ଏସିର ୧, କଙ୍କଡ଼ାହାଡ଼ ବ୍ଲକର ୧ ଏବଂ ଚିକିତ୍ସାଳୟରୁ ଜଣେ ଚିହ୍ନଟ ହେଇଛନ୍ତି। ଏବେ ଜିଲାରେ ୭୩୮ ସକ୍ରିୟ ସଂକ୍ରମିତ ଚିକିତ୍ସାଧୀନ ଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

### 'ସୌନ୍ଦର୍ଯ୍ୟା'ର ୩ୟ ବାର୍ଷିକୋତ୍ସବ

**ଢେଙ୍କାନାଳ ଅଫିସ, ୩।୭:** ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ସୌନ୍ଦର୍ଯ୍ୟା'ର ୩ୟ ବାର୍ଷିକୋତ୍ସବ ସ୍ଥାନୀୟ 'ପିପାର' ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଅଧକ୍ଷା ସ୍ମିତାରାଣୀ ସାମଲଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପୂର୍ବତନ ମନ୍ତ୍ରୀ ନବୀନଚନ୍ଦ୍ର ନାରାୟଣ ଦାସ, ମୁଖ୍ୟବକ୍ତା ଶିକ୍ଷାବିତ୍ ପ୍ରଦ୍ୟୁମ୍ନ ରଥ, ସମ୍ମାନିତ ଅତିଥି ଭାବେ ମହିଳା ଓ ଶିଶୁସହାୟକ ପ୍ରକୋଷ୍ଠର ଇନ୍ସପେକ୍ଟର ଅମୃତା ନନ୍ଦିନୀ ମହାନ୍ତି, ସାମାଜିକ କର୍ମୀ ରୁଦ୍ରନାରାୟଣ ମିଶ୍ର ଯୋଗଦେଇଥିଲେ। ଏ ଅବସରରେ ଜିଲା ଓକିଲ ସଂଘର ପ୍ରଥମ ମହିଳା ସଭ୍ୟା ସୁବାସିନୀ ମହାକୁଡ, ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ଅବସରପ୍ରାପ୍ତ ଅଧକ୍ଷା ଡ. ସୁସନ୍ଧ୍ୟା ମହାନ୍ତିଙ୍କୁ ସମ୍ମାନିତ କରାଯାଇଥିଲା। ସମିତିସଭ୍ୟା ମମତାମୟୀ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

### ବେଆଇନ ପଥର ଖଣିରେ ଚଢ଼ାଉ





**ଭୁବନ, ୩।୭(ଡି.ଏନ.ଏ.):** ଭୁବନ ବନ ବିଭାଗ ପକ୍ଷରୁ ବାଲିବୋ ସଂରକ୍ଷିତ ଜଙ୍ଗଲରେ ଶୁକ୍ରବାର ବିଳମ୍ବିତ ରାତିରେ ଚଢ଼ାଉ କରାଯାଇ ମାଙ୍କଡ଼ା ପଥରକଟା କାର୍ଯ୍ୟରେ ନିୟୋଜିତ ୨ଟି ପାୱାର ଟିଲର ଜବତ କରାଯାଇଛି। ଏହି ଘଟଣାରେ କଟକ ଜିଲା ଚୌଦ୍ୱାର ଥାନା ଡାଳିଯୋଡ଼ା ଗ୍ରାମର ଟୁନା ଚାତର (୩୫)ଙ୍କୁ ଗିରଫ କରାଯାଇଛି। ବାଲିବୋ ସଂରକ୍ଷିତ ଜଙ୍ଗଲରେ ଦୀର୍ଘଦିନରୁ ବେଆଇନ ମାଙ୍କଡ଼ା ପଥର ଖଣି ଚାଲିଥିଲା। ଟୁନା ପାୱାର ଟିଲର ମାଧ୍ୟମରେ ମାଙ୍କଡ଼ାପଥର କାଟି ବିଭିନ୍ନ ସ୍ଥାନକୁ ଚାଲାଣ କରୁଥିଲେ। ଏ ସଂକ୍ରାନ୍ତରେ ସୂଚନା ମିଳିବା ପରେ ଡିଏଫ୍ଓଙ୍କ ନିର୍ଦ୍ଦେଶରେ ଫରେଷ୍ଟର କବିତା ବିଶ୍ୱାଳ, ଫରେଷ୍ଟ ଗାର୍ଡ ସନ୍ତୋଷ ବେହେରା ପ୍ରମୁଖ ଚଢ଼ାଉ କରିଥିଲେ। ଏ ନେଇ ବନ ବିଭାଗ ପକ୍ଷରୁ ଏକ ମାମଲା ରୁଜୁ କରାଯାଇ ଶନିବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

### କାର୍ଟୁନ ପୁସ୍ତକ ଉନ୍ମୋଚିତ

**ଢେଙ୍କାନାଳ ଅଫିସ, ୩।୭:** ଢେଙ୍କାନାଳସ୍ଥିତ ଭାରତୀୟ ଜନସଞ୍ଚାର ସଂସ୍ଥାନ (ଆଇଆଇଏମ୍ସି) ପକ୍ଷରୁ ଏକ କାର୍ଟୁନ ପୁସ୍ତକ ଶନିବାର ଉନ୍ମୋଚିତ ହୋଇଯାଇଛି। ସଂସ୍ଥାନର ଆଞ୍ଚଳିକ ନିର୍ଦ୍ଦେଶକ ଡ. ପ୍ରଫେସର ମୃଣାଳ ଚାଟାର୍ଜୀ ଏହାକୁ ଉନ୍ମୋଚନ କରିଥିଲେ। ଏଥିରେ ମହାମାରୀ ସମୟରେ ବିଭିନ୍ନ ପତ୍ରପତ୍ରିକା, ସାମାଜିକ ଗଣମାଧ୍ୟମରେ ପ୍ରକାଶିତ କାର୍ଟୁନକୁ ସ୍ଥାନିତ କରାଯାଇଛି। ଏଥିସହ କରୋନା ପରବର୍ତ୍ତୀ ଘଟଣାବଳୀ, ଲକ୍ଡାଉନ, ରାଜନୀତି, ସାମାଜିକ ସମସ୍ୟା ଆଦି ବିଭିନ୍ନ ଦିଗକୁ ସ୍ଥାନ ଦିଆଯାଇଛି। ପାଠ୍ୟକ୍ରମ ସଂଯୋଜକ ଜିତେନ୍ଦ୍ର ପତି ବହିର ଡିଜାଇନ କରିଛନ୍ତି।

# ମାନ୍ଦା ବେଳେ ମହଙ୍ଗା ମାଡ଼

■ଅନିୟମିତ ବର୍ଷା ପାଇଁ ହ୍ରାସ ପାଇଛି ଉତ୍ପାଦନ
■ସପ୍ତାହକ ଭିତରେ ପରିବା ମୂଲ୍ୟ ଆକାଶଛୁଆଁ
■୪୦ ତଳକୁ ମିଳୁନି, ୩ ଗୁଣା ବଢ଼ିଛି ବାଇଗଣ

ସୁଧୀର କୁମାର ପରିଡ଼ା
କାମାକ୍ଷାନଗର, ୩।୭



ଦୀର୍ଘ ଦେଢ଼ବର୍ଷ ହେଲା କରୋନା କଷଣରେ ଘାଣ୍ଟି ହେଉଛନ୍ତି ସାଧାରଣ ଜନତା। ହାତରେ କାମ ନାହିଁ। ସାଇତିଥିବା ଧନ ସରିଗଲାଣି। ଏଭଳି ସମୟରେ ଗରିବ ଏବଂ ମଧ୍ୟବିତ୍ତ ପରିବାର ଉପରେ ଦରଦାମ ବୃଦ୍ଧି ବୋଝ ଉପରେ ନଳିତା ବିଡ଼ା ସଦୃଶ ହୋଇଛି। ପେଟ୍ରୋଲ, ଡିଜେଲ, ପନିପରିବାଠାରୁ ଆରମ୍ଭ କରି ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ମୂଲ୍ୟ ଆଶାତୀତ ଭାବେ ବଢ଼ିବା ପରେ ଘର ଚଳାଇବା ମୁସ୍କିଲ ହୋଇପଡ଼ିଲାଣି। ମାନ୍ଦା ସମୟରେ ଏଭଳି ମହଙ୍ଗା ମାଡ଼ ସାଧାରଣ ଖାଉଟିଙ୍କୁ କଲବଲ କରୁଥିବାବେଳେ ଦରଦାମ ନିୟନ୍ତ୍ରଣ ଦିଗରେ ଆବଶ୍ୟକ ପଦକ୍ଷେପ ନିଆଯାଉ ନ ଥିବା ଅଭିଯୋଗ କରିଛନ୍ତି ଢେଙ୍କାନାଳ ଜିଲା କାମାକ୍ଷାନଗର ଅଞ୍ଚଳର ବୁଦ୍ଧିଜୀବୀ।

ଜୁଲାଇ ୧ରୁ ଢେଙ୍କାନାଳ ଜିଲାରେ ଆହୁରି କୋହଳ ହୋଇଛି କଟକଣା। ଅଧିକାଂଶ ବ୍ୟବସାୟିକ ପ୍ରତିଷ୍ଠାନ ଖୋଲିଗଲାଣି। ହେଲେ ବଜାରକୁ ବ୍ୟାଗ୍ ଧରିଯିବା ପୂର୍ବରୁ ଦଶ ଥର ଭାବୁଛନ୍ତି ଗୃହକର୍ତ୍ତା। କାରଣ ପନିପରିବାରେ ହାତ ମାରିହେଉନି। ଜିଲାର ଅନ୍ୟତମ ପ୍ରମୁଖ ସହରାଞ୍ଚଳ କାମାକ୍ଷାନଗରରେ ଗତ ସପ୍ତାହକ ଭିତରେ ପରିବା ଦରରେ ଆଶାତୀତ ବୃଦ୍ଧି ହୋଇଛି। ୪୦ ଟଙ୍କା ତଳକୁ କୌଣସି ଟଟକା ପରିବା ମିଳୁନି। ବାଇଗଣ ମୂଲ୍ୟ ମଧ୍ୟ ୩ ଗୁଣା ବଢ଼ିଛି। ଆଳୁ ୧୭ରୁ ୨୦ଟଙ୍କାରେ ବିକ୍ରି ହେଉଥିବାବେଳେ ପିଆଜ ଦର ୩୦ ଏବଂ ସ୍ଥଳ ବିଶେଷରେ ୩୩ ଟଙ୍କା ଛୁଇଁଲାଣି। ଏବେ ବଜାରରେ ବାଇଗଣ ୬୦, ଜହ୍ନି ୪୦, ପୋଟଳ ୫୦, ଟମାଟୋ ୪୫, କାଙ୍କଡ଼ ୪୫, ଭେଣ୍ଡି ୪୦ ଟଙ୍କାରେ ବିକ୍ରି ହେଉଛି। ଅନିୟମିତ ବୃଷ୍ଟିପାତ ଯୋଗୁ ଅଞ୍ଚଳର ପରିବା ଉତ୍ପାଦନ ହ୍ରାସ ପାଉଛି। ଯେତିକି ଆଦାୟ ହେଉଛି ତାହା ଆଞ୍ଚଳିକ ବଜାରରେ ଚାହିଦା ପୂରଣ କରିପାରୁନାହିଁ। ତେଣୁ ଏଭଳି ମୂଲ୍ୟ ବୃଦ୍ଧି ହୋଇଛି। ଆମିଷ ବଜାରରେ ମଧ୍ୟ ନିଆଁ ଲାଗିଛି। ମାଛ, ଚିକେନ କେଜି ୨୫୦ ଟଙ୍କା ଛୁଇଁଥିବାବେଳେ ମଟନ ୬୫୦ରେ ବିକ୍ରି ହେଉଛି। ପେଟ୍ରୋଲ, ଡିଜେଲ ଦରବୃଦ୍ଧିର ପ୍ରଭାବ ସହିତ ପରିବହନ ଖର୍ଚ୍ଚ ବଢ଼ିଥିବାରୁ ଅତ୍ୟାବଶ୍ୟକ ସାମଗ୍ରୀ ମୂଲ୍ୟ ହୁ ହୁ ହୋଇ ବଢ଼ିଚାଲିଥିବା ବ୍ୟବସାୟୀମାନେ କହିଛନ୍ତି।

#### ପରିବହନ ଖର୍ଚ୍ଚ ୧୫% ବଢ଼ିଛି



"ସରକାର ଅତ୍ୟାବଶ୍ୟକ ସାମଗ୍ରୀ ତାଲିକାରୁ ଆଳୁ, ପିଆଜକୁ ବାଦ୍ ଦେଇଛନ୍ତି। ତେଣୁ ଆମଦାନୀ ହେଉଥିବା ବାହାର ରାଜ୍ୟ ମଣ୍ଡିରେ ଏହାର ଦର ବୃଦ୍ଧିପାଇଛି। ସେହିପରି ତୈଳ ଦର ବୃଦ୍ଧି କାରଣରୁ ପୂର୍ବାପେକ୍ଷା ୧୫% ଅଧିକ ପରିବହନ ଖର୍ଚ୍ଚ ବଢ଼ିଛି। ତେଣୁ ଆଳୁ, ପିଆଜ ଦର ଉଚ୍ଚା ରହୁଛି। ତେବେ ଓଡ଼ିଶାର ଅଧିକାଂଶ ସ୍ଥାନରେ ଆଳୁ, ପିଆଜ ଦର ପ୍ରାୟ ସମାନ ରହିଛି। ଅଞ୍ଚଳର ଅସାଧୁ ବ୍ୟବସାୟ କିମ୍ବା କଳାବଜାର ହେଉଥିବା ନେଇ ଅଭିଯୋଗ ଆସିଲେ ପଦକ୍ଷେପ ନିଆଯିବ।

–ସଞ୍ଜୟ କୁମାର ସାହୁ, ଉପଖଣ୍ଡ ଯୋଗାଣ ଅଧିକାରୀ

#### ଖଟିଖିଆ ଶ୍ରେଣୀ ଘାଣ୍ଟି ହେଉଛୁ



"କରୋନା ସମୟରେ ପାରିଶ୍ରମିକ ବଢୁନାହିଁ। ରୋଷେଇ ଘରେ ସବୁଠୁ ବେଶି ଆବଶ୍ୟକ ହେଉଥିବା ଆଳୁ, ପିଆଜର ଦର ବଢ଼ିବା ସମସ୍ୟା ବଢାଇଛି। ଧନୀ ଲୋକମାନେ ସୁଖସୁବିଧାରେ ରହୁଥିବାବେଳେ ଖଟିଖିଆ ଶ୍ରେଣୀ ଘାଣ୍ଟି ହେଉଛୁ।

–ନେପାଳୀ ଚରଣ ସାହୁ, ରାଜମିସ୍ତ୍ରି, ସାରୁଆଳି

#### ପରିବାର ଚଳାଇବା କଷ୍ଟକର



"ପାଖାପାଖି ଦେଢ଼ବର୍ଷ ହେଲା କୋଭିଡ୍ ଯନ୍ତ୍ରଣାରେ ବ୍ୟବସାୟ ମାନ୍ଦା ରହିଥିବାବେଳେ ହଠାତ୍ ଦରଦାମ ବୃଦ୍ଧି କଷ୍ଟ ଦେଉଛି। ଖାଦ୍ୟ, ପରିବା, ଔଷଧ ଭଳି ଅତ୍ୟାବଶ୍ୟକ ସାମଗ୍ରୀର ମୂଲ୍ୟ ବଢ଼ିବା ପରେ ପରିବାର ଚଳାଇବା କଷ୍ଟକର ହୋଇଗଲାଣି।

–ପାର୍ଥସାରଥି ନାୟକ, ବ୍ୟବସାୟୀ, କାମାକ୍ଷାନଗର

#### ବାହାରୁ ପନିପରିବା ଆସୁନାହିଁ



"ଦୁଇ ସପ୍ତାହ ଭିତରେ ପ୍ରାୟ ସବୁ ପରିବା ଦର ହାରାହାରି ୧୦ ଟଙ୍କା ଲେଖାଏ ବଢ଼ିଛି। ବଜାରରେ ବାଇଗଣ ମିଳୁନାହିଁ। ଅନିୟମିତ ବର୍ଷା ଯୋଗୁ ଉତ୍ପାଦନ କମିଛି। ବାହାରୁ ବି ଟଟକା ପନିପରିବା ଆସୁନାହିଁ।

–ବ୍ରହ୍ମାନନ୍ଦ ସାହୁ, ବ୍ୟବସାୟୀ, କାମାକ୍ଷାନଗର

#### ରୋଷେଇଘରେ ପଡ଼ିଛି ପ୍ରଭାବ



"ଦରଦାମ ବୃଦ୍ଧିର ପ୍ରଭାବ ସିଧାସଳଖ ରୋଷେଇ ଘର ଉପରେ ପଡ଼ିଛି। ଘରକୁ ଯେତିକି ପରିବା ଆସୁଥିଲା, ତାହାର ଅଧା ଆସୁଛି। ଲକ୍ଡାଉନ୍ରେ ରୋଜଗାର କମିବା ବେଳକୁ ଏଭଳି ଦରଦାମ ବୃଦ୍ଧି ଅସ୍ତବ୍ୟସ୍ତ କରିଦେଲାଣି।

–ସାହେଦା ବେଗମ୍, ଗୃହିଣୀ, କାମାକ୍ଷାନଗର

#### ବଞ୍ଚିବା କଷ୍ଟକର ହୋଇଗଲାଣି



"ତେଲ, ଲୁଣଠାରୁ ଆରମ୍ଭ କରି ରନ୍ଧନ ଗ୍ୟାସ୍ ସବୁ ମୂଲ୍ୟ ବଢ଼ିଛି। କରୋନା ମହାମାରୀ ସମୟରେ ଦରମା ବୃଦ୍ଧି ହେବାର କୌଣସି ସମ୍ଭାବନା ନ ଥିବାବେଳେ ବଞ୍ଚିବା କଷ୍ଟକର ହୋଇଗଲାଣି। ସରକାର ଏଥିପ୍ରତି ଦୃଷ୍ଟି ଦେବା ଜରୁରୀ।

–ସୁଶ୍ରୀ ପଟ୍ଟନାୟକ, ଘରୋଇ ସ୍କୁଲ ଶିକ୍ଷୟିତ୍ରୀ, କାମାକ୍ଷାନଗର

## ଦୁର୍ଗାପ୍ରସାଦ ଜଳାଶୟ ପୁନରୁଦ୍ଧାର ଆଶା ଉଜ୍ଜୀବିତ

■ପରିଦର୍ଶନ କଲେ ସେଚ ବିଭାଗ ଅଧିକାରୀ
■ପ୍ରୋଜେକ୍ଟ କରି ସରକାରଙ୍କୁ ଦିଆଯିବ ରିପୋର୍ଟ

ଢେଙ୍କାନାଳ ଅଫିସ, ୩।୭

ଢେଙ୍କାନାଳ ଜିଲା ସଦର ବ୍ଲକ ଦୁର୍ଗାପ୍ରସାଦ ଗ୍ରାମରେ ୫୭ ଏକରରେ ପରିବ୍ୟାପ୍ତ ବିଶାଳ ଜଳାଶୟ ରକ୍ଷଣାବେକ୍ଷଣ ଅଭାବରୁ ପରିତ୍ୟକ୍ତ ହୋଇପଡ଼ିଛି। ଏହାକୁ ପୁନରୁଦ୍ଧାର କରିବା, ପର୍ଯ୍ୟଟନସ୍ଥଳୀର ରୂପ ଦେବା, ଜଳାଶୟର ଜଳକୁ ଜଳସେଚନ କାର୍ଯ୍ୟରେ ବିନିଯୋଗ କରିବାକୁ ଜନଜାଗ୍ରତ ମଞ୍ଚ ପକ୍ଷରୁ ସରକାରଙ୍କ ନିକଟରେ ଦାବି କରାଯାଇଥିଲା। ଏହାପରେ ଗତ ୨୮ ତାରିଖରେ କ୍ଷୁଦ୍ର ଜଳସେଚନ ବିଭାଗର ମୁଖ୍ୟଯନ୍ତ୍ରୀ ପ୍ରଦୀପ କୁମାର ସାହୁ, ସହକାରୀ ଯନ୍ତ୍ରୀ ବବିତା ନାୟକ, ଅଶୋକ କୁମାର ମହାପାତ୍ର ପ୍ରମୁଖ ଦୁର୍ଗାପ୍ରସାଦ ଗ୍ରାମରେ ପହଞ୍ଚି ସ୍ଥିତି ସମୀକ୍ଷା କରିଛନ୍ତି। ଜଳାଶୟ ପୁନରୁଦ୍ଧାର ଏବଂ ଏହାର ବିକାଶ କାର୍ଯ୍ୟ ଲାଗି ଏକ ପ୍ରୋଜେକ୍ଟ କରାଯିବ। ଏ ସଂକ୍ରାନ୍ତ ରିପୋର୍ଟ ସରକାରଙ୍କୁ ଦିଆଯିବ ବୋଲି ସେଚ ବିଭାଗ ଅଧିକାରୀମାନେ ଆଶ୍ୱାସନା ଦେବା ପରେ ବହୁ ପ୍ରତୀକ୍ଷିତ ଦୁର୍ଗାପ୍ରସାଦ ଜଳାଶୟ ବିକାଶ ଆଶା ଉଜ୍ଜୀବିତ ହୋଇଛି। ଅଧିକାରୀଙ୍କ ପରିଦର୍ଶନ ସମୟରେ ଜନ ଜାଗ୍ରତ ମଞ୍ଚ ସଭାପତି ସୁରେନ୍ଦ୍ର କୁମାର ଦଳେଇ, ପ୍ରଦୀପ କୁମାର ପଣ୍ଡା, ସରୋଜ ଶତପଥୀ, ପ୍ରକାଶ ବିଶ୍ୱାଳ, ସନାତନ ମହାପାତ୍ର, ପି.ସି. ନାଥ, କୈଳାସ ବେହେରା, କୈଳାସ ସେଠୀ, ଗ୍ରାମ ସଭାପତି ସୋମନାଥ ବେହେରା, ସମ୍ପାଦକ ଜିତୁ ରଞ୍ଜନ ମିଶ୍ର, ମାଧବାନନ୍ଦ କର, ବାବୁ ମହାନ୍ତି, ଗୟାଧର ବିଶ୍ୱାଳ, ଉମାକାନ୍ତ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

# ଓଡ଼ିଆଙ୍କ ନିଯୁକ୍ତିକୁ ଅଗ୍ରାଧିକାର ଦିଅ




ଖବରଦାତା ସମ୍ମିଳନୀରେଆଞ୍ଚଳିକ ଶିଳ୍ପାଞ୍ଚଳ କ୍ଷତିଗ୍ରସ୍ତ ପ୍ରଜାସଂଘ ଏବଂ ଟ୍ରକ୍ ଓନର୍ସ ଆସୋସିଏଶନର କର୍ମକର୍ତ୍ତାମାନେ।

ଢେଙ୍କାନାଳ ଅଫିସ, ୩।୭

**ଦାବି ଜଣାଇଲା ଆଞ୍ଚଳିକ ଶିଳ୍ପାଞ୍ଚଳ କ୍ଷତିଗ୍ରସ୍ତ ପ୍ରଜାସଂଘ**

ଢେଙ୍କାନାଳ ଏବଂ ଅନୁଗୋଳ ଜିଲାର ଶିଳ୍ପ ପ୍ରତିଷ୍ଠାନରେ ଓଡ଼ିଆଙ୍କ ନିଯୁକ୍ତିକୁ ଅଗ୍ରାଧିକାର ଦେବା ଏବଂ ପାରିପାର୍ଶ୍ୱିକ ବିକାଶ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ଦାବି କରିଛି କଣ୍ଟାବଣିଆସ୍ଥିତ ଆଞ୍ଚଳିକ ଶିଳ୍ପାଞ୍ଚଳ କ୍ଷତିଗ୍ରସ୍ତ ପ୍ରଜା ସଂଘ ଓ ବ୍ରାହ୍ମଣୀ ଟ୍ରକ୍ ଓନର୍ସ ୱେଲଫେୟାର ଆସୋସିଏଶନ। ଅନୁଗୋଳ ଜିଲା ବଅଁରପାଳଠାରେ ଶନିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସଂଘର କାର୍ଯ୍ୟକର୍ତ୍ତାମାନେ ଶିଳ୍ପ ପ୍ରତିଷ୍ଠାନଗୁଡ଼ିକର ମନମୁଖି କାର୍ଯ୍ୟକୁ ତୀବ୍ର ନିନ୍ଦା କରିଥିଲେ। ଉପସ୍ଥାପନା କରାଯାଇଥିବା ୮ ଦାବି ମାସକ ଭିତରେ ପୂରଣ କରା ନ ଗଲେ ଆନ୍ଦୋଳନ କରାଯିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।

ଆଞ୍ଚଳିକ ଶିଳ୍ପାଞ୍ଚଳ କ୍ଷତିଗ୍ରସ୍ତ ପ୍ରଜାସଂଘ ସଭାପତି ଗଙ୍ଗାଧର ସାମଲ, ସମ୍ପାଦକ ବିଜୟ ଧଳ କହିଲେ, ଢେଙ୍କାନାଳ ଜିଲାର ହିନ୍ଦୋଳ ରୋଡ୍ଠାରୁ କଣ୍ଟାବଣିଆ ମଧ୍ୟରେ ୬-୭ ବଡ଼ ଶିଳ୍ପସଂସ୍ଥା ରହିଛି। ଏଥିରେ ବହୁ ସ୍ଥାନୀୟ ବାସିନ୍ଦା ଭିଟାମାଟି ହରାଇଛନ୍ତି। ଶିଳ୍ପାନୁଷ୍ଠାନରେ ଓଡ଼ିଆ ଏବଂ ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି ପ୍ରଦାନ କରାଯାଉନାହିଁ। ଅଧିକାଂଶ ଗ୍ରାମର ଜମିହରା ପ୍ରଜା ବିଶୁଦ୍ଧ ପାନୀୟ ଜଳରୁ ବଞ୍ଚିତ ହୋଇ ରହିଛନ୍ତି। କାରଖାନା ଯୋଗୁ ପ୍ରଦୂଷଣ ସମସ୍ୟା ବଢୁଛି। ତେଣୁ ଶିଳ୍ପ ପ୍ରଭାବିତ ଅଞ୍ଚଳର ୫୦% ଲୋକଙ୍କୁ କମ୍ପାନୀରେ ସିଧାସଳଖ ନିଯୁକ୍ତି, ଶିକ୍ଷାନୁଷ୍ଠାନ, ଚିକିତ୍ସାଳୟ ପ୍ରତିଷ୍ଠା, ପାର୍କ, କମ୍ୟୁନିଟି ସେଣ୍ଟର, ଯୋଗକ୍ଲବ ନିର୍ମାଣ, ଟ୍ରାଫିକ୍ ସମସ୍ୟାର ସମାଧାନ ପାଇଁ ପାର୍କିଂ ବ୍ୟବସ୍ଥା, ପ୍ରଦୂଷଣ ନିୟମାବଳୀ କଡ଼ାକଡ଼ି କରିବା ଆଦି ୮ ଦାବି ପୂରଣ କରିବାକୁ ଲାଗି ପ୍ରଜାସଂଘ ସଭାପତି ଦାବି କରିଛନ୍ତି। ମାସକ ଭିତରେ ଦାବିପୂରଣ ନ ହେଲେ ଅଗଷ୍ଟ ୩ରୁ ଟାଟାଷ୍ଟିଲ୍ ବିଏସ୍ଏଲ୍ ଫାଟକ ସମ୍ମୁଖରେ ଧାରଣା ସହିତ ପ୍ରତିବାଦ ଆରମ୍ଭ ହେବ ବୋଲି ସୂଚନା ଦିଆଯାଇଛି।

ସେହିପରି ଶିଳ୍ପ ପ୍ରତିଷ୍ଠାନ ଯୋଗୁ ବହୁ କ୍ଷତିଗ୍ରସ୍ତ ଭିଟାମାଟି ହରାଇ ଜୀବିକା ନିର୍ବାହ ପାଇଁ ଟ୍ରକ୍ କିଣିଥିଲେ। କିନ୍ତୁ ଉକ୍ତ ଟ୍ରକ୍ଗୁଡ଼ିକୁ ଶିଳ୍ପ ପ୍ରତିଷ୍ଠାନର ପରିବହନ କାର୍ଯ୍ୟରେ ଲଗାଯାଉନାହିଁ। ଫଳରେ ମାଲିକମାନେ ସମସ୍ୟାରେ ପଡ଼ିଛନ୍ତି। ସମସ୍ୟାର ସମାଧାନ ଲାଗି ତୁରନ୍ତ ପଦକ୍ଷେପ ନେବାକୁ ବ୍ରାହ୍ମଣୀ ଟ୍ରକ୍ ଆସୋସିଏଶନ ପକ୍ଷରୁ ଦାବି କରାଯାଇଛି। ଖବରଦାତା ସମ୍ମିଳନୀରେ ଉପଦେଷ୍ଟା ପଙ୍କଜ ଲୋଚନ ସାହୁ, ଅଖିଳ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଚଳିତ ମାସରୁ ଆରମ୍ଭ ହେବ ଶିବ ମନ୍ଦିର ନିର୍ମାଣ

ବଇଣ୍ଡା,୩।୭(ଡି.ଏନ୍.ଏ.)

କିଶୋରନଗର ବ୍ଲକ ବଇଣ୍ଡା ସାପ୍ତାହିକ ହାଟପଡ଼ିଆ ନିକଟରେ ଥିବା ଏକ ବେସରକାରୀ ଜମିରେ ଶିବ, ରାଧାକୃଷ୍ଣ ମନ୍ଦିର ନିର୍ମାଣ କାର୍ଯ୍ୟ ଆରମ୍ଭ କରିବାକୁ ଗ୍ରାମବାସୀ ନିଷ୍ପତ୍ତି ନେଇଛନ୍ତି। ଗତ ଫେବୃୟାରୀରେ ମନ୍ଦିର ଭୂମିପୂଜନ ହୋଇଥିବା ବେଳେ କରୋନା ମହାମାରୀ ଲାଗି କାମ ସ୍ଥଗିତ ରହିଥିଲା। ସ୍ଥାନୀୟ ସରପଞ୍ଚ ଜଳଧର ସାହୁଙ୍କ ସଭାପତିତ୍ୱରେ ଶୁକ୍ରବାର ଏ ସଂକ୍ରାନ୍ତରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ପୂର୍ବତନ ସରପଞ୍ଚ ତ୍ରିଲୋଚନ ସାହୁ, ଦିଲୀପ ଅଗ୍ରୱାଲ, ରାଜକୁମାର ଅଗ୍ରୱାଲ, ଭାଗୀରଥି ସାହୁ, ସନ୍ତୋଷ ବେହେରା, ବାବାଜୀ ବେହେରା, ଘନଶ୍ୟାମ ବେହେରା, ଗିରୀଶ ଚନ୍ଦ୍ର ବେହେରା, ପ୍ରଶାନ୍ତ ସାହୁ, ଅଶୋକ ବେହେରା, ଅଭିରାମ ସାହୁ, ବିନୀତ ସାହା, ରାଜେନ୍ଦ୍ର ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ମନ୍ଦିର ନିର୍ମାଣ ପାଇଁ ମିଳିଥିବା ଅନୁଦାନ ଏବଂ ଭୂମିପୂଜାରେ ହୋଇଥିବା ଖର୍ଚ୍ଚ ସମ୍ପର୍କରେ ଆଲୋଚନା ହୋଇଥିଲା। ଚଳିତ ମାସରେ ମନ୍ଦିର କାର୍ଯ୍ୟ ଆରମ୍ଭ କରିବା ପାଇଁ ନିଷ୍ପତ୍ତି ହୋଇଛି। ସହଯୋଗ କଲେ ଖୁବ୍ କମ୍ ଦିନରେ ମନ୍ଦିର ପୂର୍ଣ୍ଣାଙ୍ଗ ରୂପ ନେବ ବୋଲି ମତପ୍ରକାଶ ପାଇଛି।

## ଉପକୃତ ହେବେ ୨୫ ଗ୍ରାମର ବାସିନ୍ଦା

ଢେଙ୍କାନାଳ ଅଫିସ, ୩।୭

**ଟାଟାଷ୍ଟିଲ୍ ବିଏସ୍ଏଲ୍ର ମ୍ୟାଲେରିଆ ନିରାକରଣ ଅଭିଯାନ**

ଢେଙ୍କାନାଳ ଜିଲା ନରେନ୍ଦ୍ରପୁରସ୍ଥିତ ଟାଟାଷ୍ଟିଲ୍ ବିଏସ୍ଏଲ୍ ପକ୍ଷରୁ ଡେଙ୍ଗୁ, ମ୍ୟାଲେରିଆ ନିରାକରଣ ପାଇଁ ଜୁଲାଇ ୧ରୁ ୩ ମାସିଆ ଅଭିଯାନ ଆରମ୍ଭ ହୋଇଛି। ଢେଙ୍କାନାଳ ଏବଂ ଅନୁଗୋଳ ଜିଲାରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଏଥିରେ ୨୫ ଗ୍ରାମର ୩୩ ହଜାର ଗ୍ରାମବାସୀ ଉପକୃତ ହେବେ। ନୂଆଗାଁ ସରପଞ୍ଚ ଚକ୍ରଧର ପରିଡ଼ା, କମ୍ପାନୀ ସିଏସ୍ଆର ବିଭାଗ ବରିଷ୍ଠ ଅଧିକାରୀ ରେଣୁକା ସିଂ ଏବଂ ରଘୁନାଥପୁର ଗ୍ରାମବାସୀଙ୍କ ଉପସ୍ଥିତିରେ ଆନୁଷ୍ଠାନିକ ଭାବେ ଅଭିଯାନର ଶୁଭାରମ୍ଭ ହୋଇଥିଲା। କମ୍ପାନୀ ପାର୍ଶ୍ୱବର୍ତ୍ତୀ ଗ୍ରାମଗୁଡ଼ିକ ଡେଙ୍ଗୁ ଏବଂ ମ୍ୟାଲେରିଆପ୍ରବଣ। ମୌସୁମୀ ଆଗମନ ପରେ ମଶାବଂଶ ବୃଦ୍ଧି ପାଇ ସଂକ୍ରାମକ ଜ୍ୱର ବଢ଼ିବାର ଆଶଙ୍କା ରହିଛି। ଏହାର ପ୍ରତିକାର ଲାଗି କମ୍ପାନୀ କର୍ପୋରେଟ ସେବା ବିଭାଗର ସ୍ୱାସ୍ଥ୍ୟସେବା କାର୍ଯ୍ୟକ୍ରମ ଅଧୀନରେ ଏହି ଅଭିଯାନ ଆରମ୍ଭ ହୋଇଛି। ଏହି ଉପଲକ୍ଷେ ମଶାନାଶକ ଧୂଆଁ, ଆଣ୍ଟି ଲାର୍ଭା ସ୍ପ୍ରେ କରାଯିବ। ରୋଗର କାରଣ, ଲକ୍ଷଣ ଏବଂ ନିରାକରଣ ଉପରେ ସଚେତନତା ସୃଷ୍ଟି କରାଯିବ ବୋଲି କମ୍ପାନୀ ପକ୍ଷରୁ ନିଷ୍ପତ୍ତି ହୋଇଛି। ସୂଚନାଯୋଗ୍ୟ, କମ୍ପାନୀ ପକ୍ଷରୁ ୩ବର୍ଷ ହେଲା ଏଭଳି ସଂକ୍ରାମକ ଜ୍ୱର ନିରାକରଣ ଅଭିଯାନ ଆୟୋଜିତ ହେଉଛି।



କମ୍ପାନୀ ପକ୍ଷରୁ ଆରମ୍ଭ ହୋଇଥିବା ମଶାମରା ଅଭିଯାନ।

# ଡାକ୍ତରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

ଢେଙ୍କାନାଳ ଅଫିସ, ୩।୭

ଢେଙ୍କାନାଳ ଇନରହ୍ୱିଲ କ୍ଲବ୍ ପକ୍ଷରୁ ଗୁରୁବାର ଜାତୀୟ ଚିକିତ୍ସକ ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ସିଡିଏମ୍ଓ ଡା. ସୁଜାତାରାଣୀ ମିଶ୍ର, ଡା. ଅନିତା ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା। କୋଭିଡ୍ ମହାମାରୀ ସମୟରେ ଡାକ୍ତରଙ୍କ ଦାୟିତ୍ୱ ବହୁଗୁଣରେ ବଢ଼ିଯାଇଛି। ନିଜ ଜୀବନକୁ ପାଣି ଛଡ଼ାଇ ସେମାନେ ଦିନରାତି ରୋଗୀସେବା କରୁଛନ୍ତି। ତେଣୁ ଡାକ୍ତରଙ୍କ ସମେତ ସ୍ୱାସ୍ଥ୍ୟ ବିଭାଗର ପ୍ରତ୍ୟେକ କର୍ମଚାରୀ ସମ୍ମାନର ହକ୍ଦାର ବୋଲି ମତପ୍ରକାଶ ପାଇଥିଲା। କାର୍ଯ୍ୟକ୍ରମରେ କ୍ଲବ ସଭାନେତ୍ରୀ ଅପର୍ଣ୍ଣା ରଥ, ସମ୍ପାଦିକା ଶ୍ୱେତା ଡାଲ୍ମିଆ, ସଦସ୍ୟା ଶ୍ରଦ୍ଧା ଅଗ୍ରୱାଲ, ଶାଶ୍ୱତୀ ଦାସଗୁପ୍ତା, ତୃପ୍ତି ନନ୍ଦ, ଆଇ. ରୂପାରାଣୀ, ଗାୟତ୍ରୀ ହିଣ୍ଡୋଚା, ରୀତିକା ପ୍ରମୁଖ ଉପସ୍ଥିତ ଥିଲେ।



ଇନରହ୍ୱିଲ୍ କ୍ଲବ୍ ପକ୍ଷରୁ ସିଡିଏମ୍ଓ ଏବଂ ଡାକ୍ତରଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ତାଳଚେରକୁ ଅଣଦେଖା ଅସହ୍ୟ

■ଖବରଦାତା ସମ୍ମିଳନୀରେ କ୍ଷୋଭ ବ୍ୟକ୍ତ କଲା କଂଗ୍ରେସ
■ପୂର୍ବ ପ୍ରସ୍ତାବିତ ସ୍ଥାନରେ କରାଯାଉ 'କୋଲ୍ ମ୍ୟୁଜିୟମ୍'
■ଦାବିପୂରଣ ନ ହେଲେ ଆନ୍ଦୋଳନାତ୍ମକପନ୍ଥା ଗ୍ରହଣ କରାଯିବ

ତାଳଚେର, ୩।୭(ନି.ପ୍ର.)

କଳାହୀରାର ସହର ତାଳଚେର ପ୍ରତି ବିଭିନ୍ନ କ୍ଷେତ୍ରରେ ବୈମାତୃକ ମନୋଭାବ ପୋଷଣ କରାଯାଉଥିବା ଅଭିଯୋଗ ଆଣିଛି କଂଗ୍ରେସ। ସ୍ଥାନୀୟ ଡେରା ଶ୍ରମିକ ଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳର କର୍ମକର୍ତ୍ତାମାନେ ଏ ନେଇ ବିଷୋଦ୍ଗାର କରିଛନ୍ତି। ଦେଶ ରାଜସ୍ୱରେ ବଡ଼ ଭାଗୀଦାର ସାଜିଥିବା ରାଜ୍ୟର ଅନ୍ୟତମ ଏହି ଶିଳ୍ପସମୃଦ୍ଧ ଅଞ୍ଚଳର ଆଶାନୁରୂପକ ବିକାଶ ହୋଇପାରୁନାହିଁ। ନିକଟରେ ତାଳଚେର ସହରାଞ୍ଚଳର ସୌନ୍ଦର୍ଯ୍ୟକରଣ ନେଇ ଜିଲା ପ୍ରଶାସନ ମାଷ୍ଟରପ୍ଲାନ୍ ପ୍ରସ୍ତୁତ କରିଥିବାବେଳେ ପ୍ରକୃତପକ୍ଷେ ଏଗୁଡ଼ିକ କାର୍ଯ୍ୟକାରୀ ହେବା ନେଇ ସନ୍ଦେହ ପ୍ରକାଶ ପାଇଛି। ପୂର୍ବ ଘୋଷଣା ଅନୁଯାୟୀ ତାଳଚେରରେ 'କୋଲ୍ ମ୍ୟୁଜିୟମ' ପ୍ରତିଷ୍ଠା କରିବାକୁ ନିଷ୍ପତ୍ତି ହୋଇଥିବାବେଳେ ଏହାକୁ ଅନୁଗୋଳରେ କରାଯିବାକୁ ଯୋଜନା କରାଯାଉଛି, ଯାହା ଅଞ୍ଚଳ ପ୍ରତି ଉପେକ୍ଷାର ଏକ ଉଦାହରଣ ବୋଲି କଂଗ୍ରେସ କାର୍ଯ୍ୟକର୍ତ୍ତାମାନେ କହିଛନ୍ତି।




ଖବରଦାତା ସମ୍ମିଳନୀରେ କଂଗ୍ରେସ କାର୍ଯ୍ୟକର୍ତ୍ତାମାନେ।

କଂଗ୍ରେସ ପକ୍ଷରୁ କୁହାଯାଇଛି, ତାଳଚେରର ୫ଟି ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ସମ୍ପର୍କରେ କିଛିଦିନ ତଳେ ଜିଲାପାଳ ଟୁଇଟର ଆକାଉଣ୍ଟରେ ସୂଚନା ଦେଇଥିଲେ। ରାଣୀପାର୍କ ନିକଟରେ କୋଲ୍ ମ୍ୟୁଜିୟମ କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା ଏବଂ ଏଥିଲାଗି ଜାଗା ମଧ୍ୟ ଚିହ୍ନଟ ସରିଥିଲା। ତେବେ କେଉଁ ପରିସ୍ଥିତିରେ ଏହାକୁ ଅନୁଗୋଳକୁ ସ୍ଥାନାନ୍ତର କରାଗଲା, ତାହା ଜିଲା ପ୍ରଶାସନ ସ୍ପଷ୍ଟ କରିବା ଜରୁରୀ। ସେହିପରି ୨୦ ବର୍ଷ ତଳେ ନିର୍ମିତ ପ୍ରଜାମଣ୍ଡଳ ଭବନ ଜରାଜୀର୍ଣ୍ଣ ହୋଇପଡ଼ିଛି। ନବନିର୍ମିତ ମେଡିକାଲ କଲେଜ କାର୍ଯ୍ୟକ୍ଷମ ହୋଇପାରୁନାହିଁ। ତାଳଚେର ଷ୍ଟାଡିୟମ ଅଧାପନ୍ତରିଆ ହୋଇପଡ଼ିଛି। ପ୍ରଦୂଷଣ ସମସ୍ୟାରେ ଘାଣ୍ଟି ହେଉଥିବା ଅଞ୍ଚଳବାସୀ ସାଧାରଣ ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ହେଉଛନ୍ତି। ରାଜସ୍ୱ ତୁଳନାରେ ଅଞ୍ଚଳର ବିକାଶ ଅତି ନଗଣ୍ୟ। ଏସବୁ ସମସ୍ୟା ସମାଧାନ ଲାଗି ସ୍ଥାନୀୟ ଜନପ୍ରତିନିଧିମାନେ ସ୍ୱର ଉତ୍ତୋଳନ ନ କରିବା ପରିତାପର ବିଷୟ ବୋଲି କଂଗ୍ରେସ ପକ୍ଷରୁ କୁହାଯାଇଛି। ଦାବିପ୍ରତି ଦୃଷ୍ଟି ନ ଦେଲେ ବଡ଼ଧରଣର ଆନ୍ଦୋଳନ କରାଯିବ ବୋଲି ଓଡ଼ିଶା ପ୍ରଦେଶ ଯୁବ କଂଗ୍ରେସ ସଭାପତି ଜିନେଶ ସାହୁ, କଂଗ୍ରେସ ନେତା ରାଜକିଶୋର ସାହୁ, ଦିଗମ୍ବର ଗଡ଼ନାୟକ, ଡାକ୍ତର ମହାନ୍ତି, ତାଳଚେର ଜନ ବିକାଶ କଲ୍ୟାଣ ସଂଘର ସଭାପତି ଭୂପେନ ଥମ୍ବ, ପ୍ରହ୍ଲାଦ ବେହେରା, ପ୍ରକାଶ ସାହୁ ପ୍ରମୁଖ ଚେତାବନୀ ଦେଇଛନ୍ତି। ଅନ୍ୟପଟେ ପୂର୍ବ ନିଷ୍ପତ୍ତି ଅନୁଯାୟୀ ଅନୁଗୋଳ ପରିବର୍ତ୍ତେ ତାଳଚେରରେ କୋଲ ମ୍ୟୁଜିୟମ କରିବାକୁ ପୂର୍ବତନ ନଗରପାଳ ଅକ୍ଷୟ ସାମନ୍ତ ଦାବି କରିଛନ୍ତି।

